# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**29 July – 2025**

**News Editor : Itishree Singh Rathaur**

***************************************

## ମୁଖ୍ୟ ସମ୍ବାଦ

- ଆତଙ୍କବାଦୀମାନଙ୍କୁ ଦୃଢ଼ ଜବାବ ଦେବା ଆମ ଜାତୀୟ ସଂକଳ୍ପ; କହିଲେ ପ୍ରଧାନମନ୍ତ୍ରୀ

— ସଂସଦର ଉଭୟ ସଦନରେ ଅପରେସନ୍ ସିନ୍ଦୂର ଉପରେ ଜାରି ରହିଛି ଆଲୋଚନା

- ଜାତୀୟ ଶିକ୍ଷାନୀତି-୨୦୨୦କୁ ଆଜି ପୂରିଲା ୫ ବର୍ଷ

— ନୂତନ ନୀତି ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ସହ ନବସୃଜନକୁ ପ୍ରୋତ୍ସାହିତ କରୁଛି; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

- ଓଡ଼ିଶା ଉପକୂଳରୁ ପ୍ରଳୟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଏବଂ

- ବ୍ୟାଘ୍ର ସଂରକ୍ଷଣ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ

# ସଂସଦ-ଅପରେସନ୍ ସିନ୍ଦୂର

ସଂସଦର ଉଭୟ ସଦନରେ ଆଜି ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ସମ୍ପର୍କରେ ବିଶେଷ ଆଲୋଚନା ଜାରି ରହିଛି। ଲୋକସଭାରେ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଆତଙ୍କବାଦୀମାନଙ୍କୁ ଦୃଢ଼ ଜବାବ ଦେବା ଆମ ରାଷ୍ଟ୍ରୀୟ ସଂକଳ୍ପ। ପହଲଗାମଠାରେ ଆତଙ୍କବାଦୀମାନେ କ୍ରୂରତାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ସରକାର ଆତଙ୍କବାଦୀମାନଙ୍କୁ ମାଟିରେ ମିଶାଇବା ପାଇଁ ସଂକଳ୍ପ ନେଇଥିଲେ। ଏଥିପାଇଁ ସେନାବାହିନୀକୁ ସଂପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଥିଲା। ଆଜି ଆତଙ୍କବାଦୀମାନଙ୍କ ବିରୋଧରେ ତାଙ୍କ କଳ୍ପନାଠାରୁ ମଧ୍ୟ ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି....

**- V/O - (ପ୍ରଧାନମନ୍ତ୍ରୀ)**

ରାଜ୍ୟସଭାରେ ଆଲୋଚନା ଅଂଶଗ୍ରହଣ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜାମ୍ମୁ କାଶ୍ମୀରରେ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତୀୟ ସେନା ଏବଂ ସୁରକ୍ଷା ବାହିନୀକୁ ସେ ଅଭିନନ୍ଦନ ଜଣାଇଛନ୍ତି । ଆତଙ୍କବାଦୀମାନେ ପହଲଗାମରେ ୨୬ ଜଣ ନିରିହ ଲୋକଙ୍କୁ ହତ୍ୟା କରିଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜ୍ୟସଭାରେ କହିଛନ୍ତି।

ଅପରେସନ୍ ସିନ୍ଦୂରର ଉଦ୍ଦେଶ୍ୟ ହେଉଛି, ଆତଙ୍କବାଦୀ ଆଡ୍ଡା ଗୁଡ଼ିକୁ ନଷ୍ଟ କରିବା ଏବଂ ଭାରତର ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତିର ବାର୍ତ୍ତାକୁ ସ୍ପଷ୍ଟ କରିବା ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

ଶ୍ରୀ ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦୀମାନଙ୍କୁ ଦୃଢ଼ ଜବାବ ଦେଇପାରିଛି । ଅପରେସନ୍ ସିନ୍ଦୂରରେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି । ପାକିସ୍ତାନ ଭବିଷ୍ୟତରେ କୌଣସି ଦୁଃସାହିକ କାର୍ଯ୍ୟ କଲେ କିମ୍ବା ଆତଙ୍କବାଦକୁ ପ୍ରୋତ୍ସାହନ ଦେଲେ ପୁଣି ଥରେ କଡା ପଦକ୍ଷେପ ନିଆଯିବ ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ।

## ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି-୨୦୨୦କୁ ଆଜି ପାଞ୍ଚବର୍ଷ ପୂରଣ ହୋଇଛି । ଦେଶରେ ଅନ୍ତର୍ଭୁକ୍ତୀକରଣ, ଶିକ୍ଷାର୍ଥୀ କୈନ୍ଦ୍ରିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ମୂଳଦୁଆ ପକାଇଛି । ପାଠ୍ୟପୁସ୍ତକ ଏବଂ ପରୀକ୍ଷାରେ ନମ୍ବର ଆଦି ମଧ୍ୟରେ ଶିକ୍ଷାକୁ ସୀମିତ ନ ରଖି ବିଦ୍ୟାଳୟର ବାତାବରଣକୁ ଅଧିକ ବିକଶିତ କରିବା ଲକ୍ଷ୍ୟ ନେଇ ଏହି ନୀତି ପ୍ରଚଳନ କରାଯାଇଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଶିକ୍ଷାମନ୍ତ୍ରଣାଳୟ ପକ୍ଷରୁ ଅଖିଳ ଭାରତୀୟ ଶିକ୍ଷା ସମାଗମ-୨୦୨୫କୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦ଶିକ୍ଷାର୍ଥୀମାନଙ୍କୁ ସଶକ୍ତ କରିବା ସହ ନବସୃଜନକୁ ପ୍ରୋତ୍ସାହିତ କରୁଛି । ମାତୃଭାଷାରେ ଶିକ୍ଷାକୁ ଆଗକୁ ବଢ଼ାଇବା ପାଇଁ ଦେଶରେ ପ୍ରୟାସ ଜାରି ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ନୂତନ ଶିକ୍ଷାନୀତି ଦେଶରେ ପ୍ରଥମ କରି ପ୍ରିସ୍କୁଲ, ଶିଶୁଯତ୍ନ କେନ୍ଦ୍ର ଏବଂ ଶିକ୍ଷା ସଂସ୍ଥାଗତ ଢ଼ାଞ୍ଚାର ରୂପ ନେଇଛି । ଜାତୀୟ ଶିକ୍ଷାନୀତି ଯୋଗୁଁ ନିପୁଣ ଭାରତ ମିଶନରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଜାତୀୟ ଶିକ୍ଷାନୀତିର ୫ ବର୍ଷ ପୂରଣ ଅବସରରେ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜନଜାତି ଜାତୀୟ ସମ୍ମିଳନୀ

ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀ ଆସନ୍ତା ମାସ ୨୯ ଓ ୩୦ ତାରିଖରେ ଅନୁଷ୍ଠିତ ହେବ। ଭୁବନେଶ୍ୱରର ଲୋକସେବା ଭବନରେ ହେବାକୁ ଥିବା ଏହି ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ଉଦ୍‌ଘାଟନ କରିବେ। ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା କମିଟିର ଜଣେ ଅଧ୍ୟକ୍ଷ, ୫ ଜଣ ସଦସ୍ୟ ଏବଂ ୪ ଜଣ ବିଧାୟକ ଯୋଗଦେବେ ବୋଲି ଜଣାପଡିଛି। ଲୋକସଭା ବାଚସ୍ପତିଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ଏଥିରେ ଯୋଗଦେବେ। ୧୯୯୪ ମସିହା ପରେ ପ୍ରଥମ ଥର ପାଇଁ ରାଜ୍ୟରୁ ସଂସଦୀୟ କମିଟିର ବୈଠକ ହେବାକୁ ଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଅଦାଲତ ଉଦ୍‌ଘାଟନ

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଆଜି **ଗଞ୍ଜାମ** ଜିଲ୍ଲା ଦିଗପହଣ୍ଡିଠାରେ ନୂତନ ଦେବାନୀ ବିଚାର ବିଭାଗୀୟ ଅଦାଲତକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ  ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ   ଭିଡିଓ କନ୍‌ଫରେନ୍ସରେ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିବାବେଳେ ଦିଗପହଣ୍ଡିଠାରେ ଗଞ୍ଜାମ ଜିଲ୍ଲା ଜଜ୍  ଭାଗ୍ୟଲକ୍ଷ୍ମୀ ରଥ ଏବଂ ଅନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ।

# ପ୍ରଳୟ କ୍ଷେପଣାସ୍ତ୍ର ପରୀକ୍ଷଣ

ଓଡ଼ିଶା ଉପକୂଳସ୍ଥିତ ଅବଦୁଲ କଲାମ ଦୀପରୁ ଆଜି ପୁଣିଥରେ ପ୍ରଳୟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ

କରାଯାଇପାରୁଥିବା ପ୍ରଳୟ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୧୫୦ରୁ ୫୦୦ କିଲୋମିଟର ରହିଛି । ଏହି କ୍ଷେପଣାସ୍ତ୍ର ୩୫୦ ରୁ ୭୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିବାରେ ସକ୍ଷମ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଳୟକୁ ଗତକାଲି ମଧ୍ୟ ଡିଆରଡିଓ ପକ୍ଷରୁ ପରୀକ୍ଷଣ କରାଯାଇଥିଲା।

## ବୟନ-ଉପମୁଖ୍ୟମନ୍ତ୍ରୀ

ରାଜ୍ୟର ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଗକୁ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱର ମିଶନଶକ୍ତି ଭବନର ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମିଶନଶକ୍ତି ବିଭାଗ ସହ କେନ୍ଦ୍ର ସରକାରଙ୍କ ବୁଣାକାର ସେବା କେନ୍ଦ୍ରର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ରାଜ୍ୟ ବୁଣାକାର ସ୍ୱୟଂସହାୟକ ଗୋଷ୍ଠୀକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରାଇବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## କର୍ମକ୍ଷେତ୍ରରେ ମହିଳା ସୁରକ୍ଷା

କର୍ମକ୍ଷେତ୍ରରେ ସଚ୍ଚୋଟତା, ସମ୍ମାନ ଓ ବୃତ୍ତିଗତ ଚିନ୍ତାଧାରା ବଜାୟ ରଖିବା ଏବଂ କର୍ମକ୍ଷେତ୍ରକୁ ଏକ ନିରାପଦ ଏବଂ ନିର୍ଯାତନାରୁ ମୁକ୍ତ ପରିବେଶ ଭାବେ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଷନ ସାହୁ କହିଛନ୍ତି। ରାଜଭବନର ନିଉ ଅଭିଷେକ ହଲ୍‌ଠାରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ନିବାରଣ ଆଇନ୍-୨୦୧୩ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଶ୍ରୀମତୀ

ସାହୁ ପ୍ରତ୍ୟେକ ମହିଳା କର୍ମଚାରୀ ନିଜ କର୍ମକ୍ଷେତ୍ରରେ କିପରି ସୁରକ୍ଷିତ ଓ ସଶକ୍ତ ଅନୁଭବ କରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ।

# ବ୍ୟାଘ୍ର ଦିବସ

ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ ଦେବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ପରିବେଶ ସନ୍ତୁଳନ ଦିଗରେ ବ୍ୟାଘ୍ର ସଂରକ୍ଷଣର ଆବଶ୍ୟକତା ନେଇ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

ରାଜ୍ୟରେ ବାଘ ବଂଶ ବୃଦ୍ଧି କରିବା ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୧୦ ମସିହାରେ ରୁଷରେ ଅନୁଷ୍ଠିତ ସେଣ୍ଟ ପିଟରସ୍‌ବର୍ଗ ବ୍ୟାଘ୍ର ସମ୍ମିଳନୀରେ ଆଜିର ଦିନକୁ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭାରତରେ ବ୍ୟାଘ୍ର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷର ସୂଚନା ଅନୁଯାୟୀ ଦେଶରେ ବର୍ତ୍ତମାନ ୩ହଜାର ୬୮୨ଟି ବାଘ ରହିଛନ୍ତି । ପିସିସିଏଫ୍ ପ୍ରେମ୍ ଝା କହିଛନ୍ତି, ଶିମିଳିପାଳ ଅଭୟାରଣ୍ୟରେ ବର୍ତ୍ତମାନ ୩୦ଟି ବାଘ ରହିଛନ୍ତି। ରାଜ୍ୟରେ ପ୍ରତି ୪ ବର୍ଷରେ ଥରେ ବାଘ ଗଣନା କରାଯାଉଛି।

ଦେଶରେ ବ୍ୟାଘ୍ର ସଂରକ୍ଷଣ ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଥିବାବେଳେ ବାଘ ଶିକାର ବୃଦ୍ଧି ପାଉଥିବା ଘଟଣା ସାମ୍ନାକୁ ଆସିଛି।

ତେବେ ବାଘଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନସାଧାରଣ କିଭଳି ଭାବେ ସଚେତନ ହୋଇପାରିବେ ତଥା ଏ ଦିଗରେ କି କି ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ସମ୍ପର୍କରେ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟକରୁଥିବା **ବିଶ୍ୱଜିତ୍ ମହାନ୍ତି** କହିଛନ୍ତି....

**- V/O -**

ପରିବେଶ ସନ୍ତୁଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଥିବା ବ୍ୟାଘ୍ର ବଂଶର ସୁରଧା ପ୍ରତି ସମସ୍ତେ ସଚେତନ ହେବା ବର୍ତ୍ତମାନ ସମୟରେ ଜରୁରୀ ହୋଇପଡିଛି ।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ

## ପ୍ରକଳ୍ପ କାର୍ଯ୍ୟକାରୀତା ବୈଠକ

**ନବରଙ୍ଗପୁର** ଜିଲ୍ଲାର ଉମରକୋଟଠାରେ ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୈଠକରେ ଯୋଗଦେଇ ଉମରକୋଟ ଓ ରାଇଘର ବ୍ଲକ୍‌ର ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିବା ସହ ବାକି ପଡିଥିବା ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

## ଆହାରକେନ୍ଦ୍ର ପରିଦର୍ଶନ

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୋଭା ଶର୍ମା ଦୁଇଦିନିଆ **ଗଞ୍ଜାମ** ଗସ୍ତରେ ଆଜି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି । ଲୋକମାନଙ୍କୁ

ଦିଆଯାଉଥିବା ରନ୍ଧାଖାଦ୍ୟର ମାନ ଯାଞ୍ଚ କରିବା ସହ ଶ୍ରୀମତୀ ଶର୍ମା ଧାଡ଼ିରେ ଠିଆହୋଇ ଖାଦ୍ୟ ସଂଗ୍ରହ କରି ଖାଇଥିଲେ। କେନ୍ଦ୍ର ଦାୟିତ୍ୱରେ ଥିବା ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟାମାନଙ୍କ ସହ ସଚିବ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତିର ୫ ବର୍ଷ ପୂର୍ତ୍ତି ଅବସରରେ ଆଜି ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷାର ଅନ୍ତର୍ନିର୍ବେଶୀ ଶିକ୍ଷା ବିଭାଗରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ପାଇଁ ଚିହ୍ନଟୀକରଣ ଓ ଡାକ୍ତରୀ ପରୀକ୍ଷା ଶିବିର ଛତ୍ରପୁରସ୍ଥିତ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ୨୨ଟି ବ୍ଲକ୍‌ରେ ଆସନ୍ତା ଅଗଷ୍ଟ ୨୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଆଜିର କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅଜୟ କୁମାର ପାତ୍ର ଅତିରିକ୍ତ ଶିକ୍ଷାଧିକାରୀ ଏସ୍. ଧନଞ୍ଜୟ ଓ ସମଗ୍ର ଶିକ୍ଷାର ସଂଯୋଜକମାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଛତ୍ରପୁର ବ୍ଲକ୍‌ର ୧୨୫ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଓ ଅଭିଭାବକ ଶିବିରରେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

## ଜିଲ୍ଲା ପରିଷଦ ବୈଠକ

**ନୟାଗଡ଼** ଜିଲ୍ଲା ପରିଷଦର ଦଶମ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପୂର୍ତ୍ତ, ଜଳସେଚନ, ଗ୍ରାମ ଉନ୍ନୟନ, କୃଷି ଓ ଜଙ୍ଗଲ ବିଭାଗ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିବା ଅନୁଦାନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

## କୃମିନାଶକ ଦିବସ

**ଦେବଗଡ଼** ଜିଲ୍ଲାସ୍ତରୀୟ କୃମିନାଶକ ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁମାନଙ୍କଠାରେ ରକ୍ତହୀନତା ଏବଂ ଅଭିବୃଦ୍ଧିରେ ବାଧକ ସୃଷ୍ଟି କରୁଥିବା କୃମିର ମୂଳୋତ୍ପାଟନ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଅଗଷ୍ଟ ମାସ ୧୨ ତାରିଖରେ କୃମିନାଶକ ଦିବସ ପାଳନ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି।

## ବନ୍ୟା କ୍ଷତି

ବୈତରଣୀ ନଦୀ ବନ୍ୟାରେ ପ୍ରାଥମିକ ଆକଳନ ଅନୁସାରେ, **ଭଦ୍ରକ** ଜିଲ୍ଲାର ୧ ଲକ୍ଷ ୮୮ ହଜାର ଲୋକ ପ୍ରଭାବିତ ହେବା ସହ ୪୦ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସୂଚନା ଦେଇଛନ୍ତି। ଏବେ ସୁଦ୍ଧା ବହୁ ଚାଷଜମି ଜଳମଗ୍ନ ଥିବାରୁ କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲା କୃଷି ବିଭାଗକୁ ନିର୍ଦ୍ଦେଶ ଦେବା ସହ ରାସ୍ତାଘାଟ ଓ ବାସଗୃହ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ଦେବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ କହିଛନ୍ତି।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ସୁଦୃଶ ଲଘୁଚାପ ଦୁର୍ବଳ ହେଉଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

********************************